# भाकृअनुप – राष्ट्रीय चावल अनुसंधान संस्थान

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

**(An ISO 9001: 2015 Certified Institute)**

## କୃଷି ସୂଚନା ସେବା (ଧାନ)

**୨୦୨୪ ମସିହା ଜୁଲାଇ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା**

**ଢ଼ିପ ଜମିରେ ବୁଣାଧାନ**

- ଢ଼ିପ ଜମିରେ ଘାସ ନିୟନ୍ତ୍ରଣ ପାଇଁ ଘାସ ଗଜା ହେବାର ୮- ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ପତ୍ର ହୋଇଥିବା ସମୟରେ ଏକର ପ୍ରତି ଘାସମରା ଔଷଧ ବିସ୍‌ପାଇରିବାକ୍ ସୋଡିୟମ୍ ୧୦% ଏସ୍.ସି. ୧୨୦ ମି.ଲି. ୧୩୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ଏକର ପ୍ରତି ଫେନୋକ୍ସାପ୍ରୋପ୍ - ପି. ଇଥାଇଲ୍ ୯ ଇ.ସି. (ରାଇସ୍ ଷ୍ଟାର୍) ୨୬୦ ମି.ଲି. ଧାନ ବୁଣିବାର ୨୦ ଦିନ ପରେ ମାଟିରେ ବତରଥିବା ଅବସ୍ଥାରେ ପ୍ରୟୋଗ କରନ୍ତୁ ।
- ବର୍ଷାଶ୍ରିତ ଉଚ୍ଚାଜମି ଯେଉଁଠି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ସେଠାରେ ଆଂଗୁଳି ଘାସମରା ଯନ୍ତ୍ର ବ୍ୟବହାର କରି ନତୁବା ହାତରେ ଘାସ ବାଛନ୍ତୁ । ଘାସ ବଛାପରେ ଏକର ପ୍ରତି (୨୬ କି.ଗ୍ରା. ୟୁରିଆ) ପିଲସାର ଭାବେ ପ୍ରୟୋଗ କରନ୍ତୁ ।

**ଖାଲୁଆ ଜମିରେ ଶୁଖିଲା ବୁଣା ଧାନ :**

- ଖାଲୁଆ ଜମିରେ ଶୁଖିଲା ଧାନ ବୁଣିଥିଲେ ସେଠାରେ ଘାସ ନିୟନ୍ତ୍ରଣ ପାଇଁ ଘାସ ଗଜା ହେବାର ୮-୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ପତ୍ର ଥିବା ଅବସ୍ଥାରେ ଏକର ୧୨୦ ମି.ଲି. ବିସ୍‌ପାଇରିବାକ୍ ସୋଡିୟମ୍ ୧୦% ଏସ୍.ସି.୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ କିମ୍ବା ଏକର ପ୍ରତି ୨୬୦ ଗ୍ରାମ୍ ଫେନୋକ୍ସାପ୍ରୋପ୍-ପି. ଇଥାଇଲ୍ ୯ ଇ.ସି. (ରାଇସ୍ ଷ୍ଟାର୍) ସହିତ ୫୦ ଗ୍ରାମ୍ ଇଥୋକ୍ସି ସଲ୍‌ଫ୍ୟୁରନ୍ (ସନ୍‌ରାଇଜ୍) ଧାନ ବୁଣିବାର ୧୫ ରୁ ୨୦ ଦିନରେ ମାଟିରେ ବତରଥିବା ଅବସ୍ଥାରେ ୧୩୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ଗଭୀର ଓ ସ୍ୱଳ୍ପଗଭୀର ଛଟାବୁଣା ଧାନ ଜମିରେ ଯେଉଁଠାରେ ଘାସମରା ଔଷଧ ପ୍ରୟୋଗ କରାଯାଇନଥିବ ସେହି ଜମିରେ ୭ ରୁ ୧୦ ସେ.ମି. ଠିଆ ପାଣି ବାନ୍ଧିରଖି ବେଉଷଣି କରନ୍ତୁ ଏବଂ ଏକର ପିଛା ୧୮ କି.ଗ୍ରା ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।
- ଛଟା ବୁଣା ହୋଇଥିବା ବର୍ଷାଶ୍ରିତ ସ୍ୱଳ୍ପଖାଲୁଆ ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ସେହି ଜମିରେ ୭ ରୁ ୧୦ ସେ.ମି. ଠିଆ ପାଣି ବାନ୍ଧିରଖି ବେଉଷଣି କରନ୍ତୁ ଏବଂ ଏକର ପିଛା ୩୬ କି.ଗ୍ରା. ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।

**ରୁଆ ଧାନ :**

- ଲୁଣିଯୁକ୍ତ ମାଟି ଏବଂ ଲୁଣି ପାଣି ପ୍ରଭାବିତ ଜମିରେ ଶୁଖିଲା ତଳିଘରା କରନ୍ତୁ ନାହିଁ । ଏଭଳି ଅଂଚଳରେ କାଦୁଆ ସାମୁହିକ ତଳିଘରା (କମ୍ୟୁନିଟି ନର୍ସରୀ) କମ୍ ଲବଣାଂଶ ଥିବା ଜମିରେ ପ୍ରସ୍ତୁତ କରନ୍ତୁ ।

- ଜୁଲାଇ ମାସ ଶେଷ ସୁଦ୍ଧା ତଳିଘରାରେ ତଳିପକାଇବା କାମ ସଂପୁର୍ଣ୍ଣ କରିଦେବା ଦରକାର ।

- ଉପଯୁକ୍ତ ଜଳସେଚନ ତଥା ଜଳ ନିଷ୍କାସନ ସୁବିଧା ଥିବା ସ୍ଥାନରେ କାଦୁଆ ସାମୁହିକ ତଳିଘରା ପ୍ରସ୍ତୁତ କରନ୍ତୁ ।

- ଏକ ଏକର ଧାନ ଜମିରେ ରୋଇବା ପାଇଁ ୩୨୦ ବର୍ଗ ମିଟର (୨ ଗୁଣ୍ଠ) ତଳି ଘରା ପ୍ରସ୍ତୁତ କରନ୍ତୁ । ଉଚ୍ଚତା ୧୦ ସେ.ମି., ପ୍ରସ୍ଥ ୧.୨ ରୁ ୧.୫ ମିଟର ଓ ସୁବିଧା ଅନୁସାରେ ଲମ୍ବାର ପଟାଳି ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ଦୁଇ ତଳିଘରା ପଟାଳି ମଧ୍ୟରେ ୩୦ ରୁ ୪୫ ସେ.ମି. ବ୍ୟବଧାନର ନାଳୀ ଜଳ ସେଚନ ଓ ଜଳ ନିଷ୍କାସନ ପାଇଁ ରଖନ୍ତୁ ।

- ଅଧିକ ଅମଳକ୍ଷମ ଧାନ ହୋଇଥିଲେ ଏକର ପିଛା ୧୪-୧୬ କି.ଗ୍ରା ବିହନ ଏବଂ ସଙ୍କର ଧାନ ପାଇଁ ଏକର ପିଛା ୫-୬ କି.ଗ୍ରା ବିହନ ତଳିଘରା ପାଇଁ ବ୍ୟବସ୍ଥାର କରନ୍ତୁ । କମ ଉର୍ବରତା ଜମିରେ ବର୍ଗମିଟର ପିଛା ୬-୩-୩ ଗ୍ରାମ୍ ହିସାବରେ ଘ: ଚ ୨ଙ୫ : କ୨ଙ ତଳିଘରା ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ । ଜିଙ୍କର ପରିମାଣ କମ୍ ଥିବା ଜମିରେ ୯୬୦ ଗ୍ରାମ୍ ଜିଙ୍କ୍ ସଲଫେଟ୍ ୩୨୦ ବର୍ଗମିଟର (୮ ସେ଼) ତଳିଘରାରେ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ ।

- ତଳି ପକାଇବା ପୂର୍ବରୁ ବିହନକୁ ବିଶୋଧନ ନିମନ୍ତେ ଏକ କିଲୋଗ୍ରାମ୍ ବିହନ ପାଇଁ ୧୦ ଗ୍ରାମ୍ ଟ୍ରାଇକୋଡର୍ମା ଜୀବାଣୁ ଗୁଣ୍ଡ ବ୍ୟବହାର କରନ୍ତୁ । ବିହନକୁ ୮ ଘଂଟା ବତୁରାଇ ପାଣିରୁ ଛାଣିଲା ପରେ ଟ୍ରାଇକୋଡର୍ମା ଗୁଣ୍ଡ ମିଶାଇ ଏକ ଓଦା ଅଖା କିମ୍ବା ପଲିଥିନ୍ ସାହାଯ୍ୟରେ ୧୨ ରୁ ୨୪ ଘଂଟା ଘୋଡାଇ ରଖନ୍ତୁ ନତୁବା ଏକ କି.ଗ୍ରା. ବିହନରେ ୩ ଗ୍ରାମ୍ କ୍ୟାପ୍‌ଟାନ୍ ୫୦% ଡବ୍ଲ୍ୟୁ.ପି. (କ୍ୟାପ୍‌ଟ୍ରା/କ୍ୟାଟାପ/କ୍ୟାପ୍‌ଟାନ୍ ୫୦/ଗୋଲଡ୍ କ୍ୟାପ୍) କିମ୍ବା ଥିରାମ୍ ୭୫% (ଥିରାମ ୭୫ / ଥାଇରୋକ୍ସ/ ସିଡ୍ କୋଟ୍ ୭୫୦ / ସିଡ୍ କ୍ୟାପ୍ ) କିମ୍ବା ଅନ୍ୟ ବିକଳ୍ପ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ ବିଶୋଧନ ଔଷଧ ବ୍ୟବହାର କରି ବିହନ ବିଶୋଧନ କରନ୍ତୁ ।

- ଅତ୍ୟଧିକ ଘାସ ପ୍ରଭାବିତ ତଳିଘରାରେ ଘାସ ନିୟନ୍ତ୍ରଣ କରିବା ପାଇଁ ବିହନ ବୁଣିବାର ୩-୫ ଦିନ ଭିତରେ ଏକର ପିଛା ୮୦ ଗ୍ରାମ୍ ପାଇରାଜୋସଲ୍‌ଫ୍ୟୁରାନ୍ ଇଥାଇଲ୍ କିମ୍ବା ଘାସ ଗଜା ହେବାର ୮ ରୁ ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ଟି ପତ୍ରଥିବା ଅବସ୍ଥାରେ ଏକର ପ୍ରତି ୧୨୦ ମି.ଲି. ବିସ୍‌ପାରିବାକ୍ ସୋଡିୟମ୍ ୧୦% ଏସ୍.ସି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ ।

- ଯଦି ତଳିଘରାରେ ଉକୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି ଘଞ୍ଜକର (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- ଯେଉଁ ଜାଗାରେ ଚେର ଗଣ୍ଠି ରୋଗ ଏବଂ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ସମ୍ଭାବନା ଅଧିକ ସେଠାରେ ଧାନ ବୁଣିବାର ୫ ଦିନ ପରେ ପ୍ରତି ବର୍ଗମିଟର ତଳିଘରା ପିଛା, କାର୍ବୋଫ୍ୟୁରାନ୍ ଦାନାଦାର ୩ ଗ୍ରାମ୍ କିମ୍ବା ଫୋରେଟ୍ ୧ ଗ୍ରାମ୍ କିମ୍ବା ଡାଇଆଜିନନ୍ ୧ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- ଯଦି ତଳିଘରାରେ ପତ୍ରପୋଡା ରୋଗ ଦେଖାଯାଏ ତେବେ ଏକ ଲିଟର ପାଣିରେ ପ୍ରୋପିକୋନାଜୋଲ ୨୫ ଇ.ସି.( ଟିଲଟ୍/ ଜେରକ୍ସ / ଧାନ/ ବମ୍ପର) ୧ ମି.ଲି. ହିସାବରେ ମିଶାଇ ସିଂଚନ କରନ୍ତୁ ।

- ତଳିଘରାରେ ମହିଷା ରୋଗ ଲକ୍ଷଣ ଦେଖାଦେଲେ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି.(ନାଟିଭୋ) ୦.୪ ଗ୍ରାମ୍ କିମ୍ବା ଆଇସୋପ୍ରୋଥିଓଲେନ୍ ୪୦ ଇ.ସି.(ଫୁଜିତା/ଫୁଜୋନ/ସୁଲତାନ) ୧.୫ ମି.ଲି.ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ପୁଣି ଥରେ ଔଷଧ ପ୍ରୟୋଗ କରନ୍ତୁ ।

- ତଳିଘରାରେ ବକାନୀ ରୋଗ ଦେଖାଦେଲେ ଏକ ଲିଟର ପାଣିରେ ଏକ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% +

ମ୍ୟାଙ୍କୋଜେବ୍ ୬୩% ୭୫ ଡବ୍ଲ୍ୟୁ.ପି.(ସାଫ୍/ସେଫ୍/ସର୍ଫା) ଭଲଭାବେ ମିଶାଇ ସିଂଚତନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ପୁଣି ଥରେ ଔଷଧ ପ୍ରୟୋଗ କରନ୍ତୁ ।

- ତଳିଘରାରେ ପତ୍ରଚିତା ରୋଗ ଦେଖାଦେଲେ ଏକ ଲିଟର ପାଣିରେ ୧ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. (ଟିଲଟ୍/ ଜେରକ୍ସ / ଧାନ/ ବମ୍ପର) କିମ୍ବା ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି. କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% ସହିତ ମ୍ୟାଙ୍କୋଜେବ୍ ୬୩% ୭୫ ଡବ୍ଲ୍ୟୁ.ପି ଭଲଭାବେ ମିଶାଇ ସିଂଚନ କରନ୍ତୁ ।

- ଟୁଙ୍ଗ୍ରୋ ରୋଗର ଲକ୍ଷଣ ଦେଖାଦେଲେ ଏହି ରୋଗର ବାହକ ସବୁଜ ପତ୍ରଡିଆଁ ପୋକକୁ ନିୟନ୍ତ୍ରଣ କରିବା ପାଇଁ ଏକ ଲିଟର ପାଣିରେ ୦.୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୭.୮ ଏସ୍.ଏଲ କିମ୍ବା ୦.୨ ଗ୍ରାମ୍ ଥାୟାମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି ମିଶାଇ ସିଂଚନ କରନ୍ତୁ ।

- କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ତିନୋଟି ଫେରୋମୋନ୍ ଯନ୍ତା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଗୋଟିଏ ଦିନରେ ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ପ୍ରୟୋଗ କରନ୍ତୁ ।

- ତଳିଘେରାରେ ନଳୀପୋକ ଦେଖାଦେଲେ ଏକର ପିଛା ୮୦ ମି.ଲି. ଇଣ୍ଡୋକ୍ସାକାର୍ବ ୧୫.୮% ଇ.ସି. କିମ୍ବା ୨୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. ପ୍ରୟୋଗ କରନ୍ତୁ ।

- ଧାନ ରୂଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇବା ପାଇଁ ୧୫ ରୁ ୨୦ ଦିନ ପୂର୍ବରୁ ମଶିଣା ତଳିଘରା ପ୍ରସ୍ତୁତ କରନ୍ତୁ । ପଲିଥିନ୍‌କୁ ସମାନ ଭାବେ ସମତଳ ଚଟାଣ ବା ଜମିରେ ବିଛାଇ ଦିଅନ୍ତୁ ଏବଂ ଏହା ଉପରେ ବର୍ଗାକାରର ଏକ କାଠ ଛାଂଚ ରଖନ୍ତୁ । ଚାରିଭାଗ ଗୁଣ୍ଡ ମାଟି ସହିତ ଏକ ଭାଗ ଗୁଣ୍ଡ ଜୈବିକ ସାର ମିଶ୍ରଣକୁ ପଲିଥିନ୍ ଉପରେ ୨ ସେ.ମି. ବହଳରେ ସମତଳ ଭାବେ ବିଛାଇ ଦିଅନ୍ତୁ । ପୂର୍ବ ଗଜୁରିତ ଧାନ ବିହନକୁ ପ୍ରସ୍ତୁତ ଥିବା ପଲିଥିନ୍ ତଳିଘରା ଉପରେ ବୁଣନ୍ତୁ । ବୁଣିସାରିବା ପରେ ମଞ୍ଜିକୁ ୦.୫ ସେ.ମି. ବହଳର ମାଟି ଗୁଣ୍ଡ ଦ୍ୱାରା ଘୋଡାଇ ଦିଅନ୍ତୁ । ତଳିଘରା ଖୋଲା ଜାଗାରେ ଥିଲେ କିଛି ନଡା କିମ୍ବା କଦଳୀପତ୍ର ଦ୍ୱାରା ୨ ରୁ ୩ ଦିନ ଘୋଡାଇ ଦିଅନ୍ତୁ । ତଳିଘରାକୁ ଓଦା ରଖିବା ପାଇଁ ନିୟମିତ ବ୍ୟବଧାନରେ ଜଳସେଚନ କରନ୍ତୁ । ଏକ ଏକର ଋଷ ଜମି ପାଇଁ ୪୦ ବର୍ଗମିଟର (ଏକ ସେ.ମି) ତଳିଘରା ଆବଶ୍ୟକ ହୋଇଥାଏ ।

- ମୁଖ୍ୟ ଜମିକୁ ୭-୧୦ ଦିନ ବ୍ୟବଧାନରେ ଦୁଇଥର କାଦୁଅ କରି ଭଲଭାବେ ସମତଳ କରି ଦିଅନ୍ତୁ । ପ୍ରଥମ କାଦୁଅ ପୂର୍ବରୁ ଏକର ପ୍ରତି ୮ କ୍ୱିଂଟାଲ ସଢା ଗୋବର ଖତ ପ୍ରୟୋଗ କରନ୍ତୁ ।

- ମୁଖ୍ୟ ଜମିରେ ପ୍ରଥମ ଥର କାଦୁଅ କରିବା ସମୟରେ ଧଣିଚ୍ଚ ଗଛକୁ ଭଲଭାବରେ ମିଶାଇ ଦିଅନ୍ତୁ ।

- ଅଧିକ ଅମଳକ୍ଷମ କିସମ ପାଇଁ ଏକର ପିଛା (୩୫ କି.ଗ୍ରା. ଡି.ଏ.ପି + ୨୭ କି.ଗ୍ରା ଏମ୍.ଓ.ପି) କିମ୍ବା (୧୮ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍. ଏସ୍. ପି. + ୨୭ କି.ଗ୍ରା ଏମ୍.ଓ.ପି) ଶେଷ ଓଡ କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ବାଲିଆ ମାଟି ହୋଇଥିଲେ ଏକର ପିଛା (୩୫ କି.ଗ୍ରା. ଡି.ଏ.ପି + ୧୩.୫ କି.ଗ୍ରା. ଏମ୍.ଓ.ପି) କିମ୍ବା (୧୮ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି. + ୧୩.୫ କି.ଗ୍ରା. ଏମ୍.ଓ.ପି) ମୂଳସାର ଭାବେ ପ୍ରୟୋଗ କରନ୍ତୁ ।

- ସଙ୍କରଜାତୀୟ ଧାନ କିସମ ପାଇଁ (୫୩ କି.ଗ୍ରା. ଡି.ଏ.ପି. + ୨୭ କି.ଗ୍ରା. ଏମ୍.ଓ.ପି.) କିମ୍ବା (୨୬ କି.ଗ୍ରା. ୟୁରିଆ + ୧୫୦ କି.ଗ୍ରା.ଏସ୍.ଏସ୍.ପି. + ୩୦ କି.ଗ୍ରା. ଏମ୍.ଓ.ପି.) ମୂଳସାର ଭାବେ ଶେଷ

ଓଡ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ ।

- ଦସ୍ତା ଅଭାବ ଥିବା ଜମିରେ ଏକର ପିଛା ୧୦ କି.ଗ୍ରା. ଜିଙ୍କ୍‌ସଲଫେଟ୍ କିମ୍ବା ୬ କି.ଗ୍ରା. ଜିଙ୍କ୍–EDTA (ଦୁଇବର୍ଷକୁ ଥରେ) ଶେଷ ଓଢ଼୍ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ବୋରନ୍‌ର ଅଭାବ ଥାଏ ସେଠାରେ ଏକର ପିଛା ବୋରାକ୍ସ ୨ କି.ଗ୍ରା. ଶେଷ ଓଢ଼୍ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଅଧିକ ଅମଳକ୍ଷମ ଧାନର ୨୫ ରୁ ୩୦ ଦିନର ତଳି ୨୦ X ୧୫ ସେ.ମି. ବ୍ୟବଧାନରେ ବୁଦା ପ୍ରତି ୨-୩ ଟି ତଳିରୁଅନ୍ତୁ ଏବଂ ସଙ୍କରଜାତୀୟ ଧାନ ବୁଦା ପ୍ରତି ୧-୨ ଟି ତଳିରୁଅନ୍ତୁ ।
- ଘାସ ନିୟନ୍ତ୍ରଣ ପାଇଁ ଏକର ପିଛା ୪ କି.ଗ୍ରା. ଘାସମରା ଦାନାଦାର ବେନ୍‌ସଲଫ୍ୟୁରାନ୍ ମିଥାଇଲ ୦.୬% + ପ୍ରେଟିଲାକ୍ଲୋର ୬% ଜି.ଆର୍. ସହିତ ୪ କି.ଗ୍ରା ବାଲି ମିଶାଇ ଧାନ ତଳି ରୋଇବାର ୫ ରୁ ୧୦ ଦିନ ପରେ ପ୍ରୟୋଗ କରନ୍ତୁ କିମ୍ବା ଘାସ ଗଜା ହେବାର ୮ ରୁ ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ଟି ପତ୍ରଥିବା ଅବସ୍ଥାରେ ୧୨୦ମି.ଲି. ବିସ୍‌ପାରିବାକ୍‌ସୋଡିୟମ୍ ୧୦% ଏସ୍.ସି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବା ପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

**ନିଅଂଟିଆ ମୌସୁମୀ ବର୍ଷା ଅଂଚଳ ଚାଷୀଲଲସାଇମାନଙ୍କ ପାଇଁ ପରାମର୍ଶ :**

- ନିଅଂଟିଆ ବର୍ଷା ହୋଇଥିବା ଉଚ୍ଚା ଜମି ଯେଉଁଠାରେ କମ୍ ଦିନିଆ ଧାନ କିସମ ବୁଣାଯାଇପାରିବ ନାହିଁ ସେଠାରେ ଜମିର ବତର ଦେଖି ମୁଗ, ବିରି, ମାଣ୍ଡିଆ, ବାଦାମ ଏବଂ ମସୁର ଡାଲି ଆଦି ବୁଣିଦିଅନ୍ତୁ ।
- ଅତ୍ୟଧିକ ବର୍ଷା ହେଉଥିବା ଅଂଚଳରେ ଧାନ ବୁଣା ଏବଂ ଶୀର୍ଷସାର କିମ୍ବା ଘାସ ମରା ଔଷଧ ପ୍ରୟୋଗ କିଛି ଦିନ ପାଇଁ କରନ୍ତୁ ନାହିଁ ।
- ବୁଣାଧାନରେ ଥିବା ଜମିରେ ଜମିର ବତର ଦେଖି ପ୍ରଥମ ଶୀର୍ଷସାର ପ୍ରୟୋଗ କରନ୍ତୁ ।
- ଜମିରେ ଉପଯୁକ୍ତ ବତର ନଥିଲେ ଘାସମରା ଔଷଧ ପ୍ରୟୋଗ କରନ୍ତୁ ନାହିଁ ।
- ଧାନ ଜମିର ହିଡଗୁଡିକୁ ଠିକ୍ ଭାବେ ପ୍ରସ୍ତୁତ କରି ବର୍ଷାଜଳକୁ ସଂଚୟ କରନ୍ତୁ ।

******